# Akashvani, Sambalpur

# SAMBALPURI NEWS MORNING BULLETIN

# 8 May 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ -ଗୁଜୁରାଟ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୩ ଦିନିଆ ଗୁଜୁରାଟ୍ ଗସ୍ତ ଶେଷ୍ କରିକରି ଗଲାକାଏଲ୍ ଓଡ଼ିଶା ଫିରିଛନ୍ । ଇ ସମିଆଥି ଗୁଜୁରାଟ୍ ନ ନିବେଶକ୍ ସମ୍ମିଲନୀ ରୋଡ୍‌ସୋ ଜରିଏ ଓଡ଼ିଶାକେ ମୋଟ୍ ୪୮ ହଜାର୍ ୩ ଶହ ୩୦ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲାଗି ପ୍ରସ୍ତାବ୍ ଆସିଥିବାର୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଇତାର୍ ଜରିଏ ୬୭ ହଜାର୍ ୮ ଶହ ୩୮ ଟା ନିଯୁକ୍ତି ସୁଯୋଗ୍ ତିଆର୍ ହେବା । ମୁଖ୍ୟମନ୍ତ୍ରୀ ଗୁଜୁରାଟ୍ ଗସ୍ତ ଅବ୍‌ସରେ ଅହମଦାବାଦ୍, ଭଦୋଦରା ଆଉ ମୁନ୍ଦ୍ରା ଠାନେ ରୋଡ୍ ସୋ କର୍‌ବାର୍ ସହେତେ ଶିଳ୍ପପତିମାନ୍‌କର୍ ସହେତେ ଓଡ଼ିଶା ନ ପୁଞ୍ଜିନିବେଶ୍‌କେ ନେଇକରି ଆଲୋଚନା କରିଥିଲେ । ଇ ଅବ୍‌ସରେ ମୋଟ୍ ୮ ଟା

ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଥିବାର୍ ବେଳେ ୬୩ ଟା ନିବେଶ୍ ପ୍ରସ୍ତାବ୍ ଆସିଥିବାର୍ ସର୍କାର୍ଙ୍କର୍ ତର୍ଫୁ କୁହାଯାଇଛେ ।

ଉନ୍ନତ୍ ଯାତ୍ରୀ ସଂରକ୍ଷଣ୍ ପ୍ରଣାଳୀ           ଏନ୍ଏସ୍ଡି

ଆଏବା ଅଗଷ୍ଟ ମାସୁ ଟ୍ରେନ୍ ମାନ୍କେ ଉନ୍ନତ୍ ଯାତ୍ରୀ ସଂରକ୍ଷଣ୍ ପଦ୍ଧତି କାର୍ଯ୍ୟକାରୀ ହେବା । ୪୦ ବଛର୍ ପୁର୍ନା ଟ୍ରେନ୍ ପଦ୍ଧତି ନୁ ଅତ୍ୟାଧୁନିକ୍ ପଦ୍ଧତିକେ ବେଭାର୍ କଲାବେଲ୍କେ ଯାତ୍ରୀମାନେ ଯେନ୍ତା କେନ୍ସି ଅସୁବିଧାଥି ନାଇଁ ପଡ଼ନ୍ ସେଥିର୍ଲାଗି ଧ୍ୟାନ୍ ଦେବାର୍କେ ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ନୂଆଦିଲ୍ଲୀର୍ ରେଲ୍ଭବନ୍ ଠାନେ ରେଲ୍ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍ଥି ପୁରୁଣା ସଂରକ୍ଷଣ୍ ପଦ୍ଧତିର୍ ଆଧୁନିକୀକରଣ୍ ବାବ୍ଦେ ଆଲୋଚନା ହେଇଛେ । ରେଲ୍-ୱାନ୍ ମୋବାଇଲ୍ ଆପ୍ଥି ଏ.ଆଇ ଆଧାରିତ୍ ଟିକେଟ୍ କନ୍ଫର୍ମେସନ୍ ପୂର୍ବାନୁମାନ୍ ପଦ୍ଧତି  ୫୩ ପ୍ରତିଶତ୍ନୁ ୯୪ ପ୍ରତିଶତ୍କେ ବଢ଼ାଯାଇଛେ । ଇ ଆପ୍କେ ଇହାଦେ ସାଢ଼େ ୩ କୋଟି ନୁ ଅଏତ୍କା ଲୋକ୍ ଡାଉନ୍ଲୋଡ୍ କରିଛନ୍ ।

ଗେସ୍ ବଂଟନ୍ ନୀତି        ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍‌କାର୍ ପାଇପ୍‌ଥି ପ୍ରାକୃତିକ୍ ଗେସ୍ ନେଟ୍‌ୱର୍କ ଆଉ ସହରାଂଚଲ୍ ନ ଗେସ୍ ବଂଟନ୍ ଭିତିଭୂମିର୍ ବିକାଶ୍ ଆଉ ପ୍ରସାର୍‌ଣ୍‌କେ ତୁର୍‌ତି କର୍‌ବାର୍ ଲାଗି ଓଡ଼ିଶା ସହରାଂଚଲ୍ ଗେସ୍ ବଂଟନ୍ ନୀତି -୨୦୨୬ ବାବ୍‌ଦେ ବିଜ୍ଞପ୍ତି ବାହାର୍ କରିଛନ୍ । ଗୃହ, ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଇ ବିଜ୍ଞପ୍ତି ବାହାରିଛେ । ନୀତି ଅନ୍‌ସାରେ ରାଏଜେ ୩୦ ଟା ଜିଲ୍ଲା ଲାଗି ୫ ଟା ସହରାଂଚଲ୍ ଗେସ୍ ବିତରଣ୍‌କାରୀ ସଂସ୍ଥାକେ ଅନୁମତି ଦିଆଯାଇଛେ । ଯେନ୍‌ଥିର୍ ଜରିଏ ପାଖାପାଖି ୨ ଲାଖ୍ ପିଏନ୍‌ଜି ଘରୋଇ ସଂଯୋଗ୍ ଆଉ ୨ ଶହ ୭୧ ଟା ସିଏନ୍‌ଜି ଷ୍ଟେସନ୍ ଥାପ୍‌ନା ଯୋଜ୍‌ନା କରାଯାଇଛେ । ଇଥି ୫ ହଜାର୍ ଶହେ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ଜନାପଡ଼ିଛେ ।

ପିଏମ୍ ଗ୍ରାମ୍‌ସଡ଼କ୍ ଯୋଜ୍‌ନା        ଆଇ ଆଣ୍ଡ୍ ପି.ଆର୍

ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍‌ସଡ଼କ୍ ଯୋଜ୍‌ନା ଉପ୍‌ରେ ୨ ଦିନିଆ ଆଂଚଳିକ୍ ସମୀକ୍ଷା ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ମୁଲ୍ ହେଇଛେ । ଗ୍ରାମୀଣ୍ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ହେଇଥିବା ବୈଠକ୍‌ଥି ଓଡ଼ିଶା ସହେତେ ୧୦ ଟା ପୂର୍ବୋତର୍ ଆଉ ପୂର୍ବାଂଚଲ୍ ରାଜ୍ୟର୍ ପ୍ରତିନିଧିମାନେ ସାମିଲ୍ ହେଇଛନ୍ । ଗ୍ରାମୀଣ୍ ରାସ୍ତାର୍ ଗୁଣାବତା, ସମୟସୀମା ଆଉ ଦେଖିରେଖି ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଛେ । ଓଡ଼ିଶା ଆଘର୍ ଖେପେ ୯୯ ଦଶ୍‌ମିକ୍ ୬/୩ ପ୍ରତିଶତ୍ କାମ୍ ସାରିଥିବାର୍ ବେଲେ ଯୋଜ୍‌ନାର୍ ୪ ନମ୍ବର୍ ଖେପ୍‌ର ପହେଲା ବେର୍‌ଥି ୮ ଶହ ୨୭ ଟା ସଡ଼କ୍ ଅନୁମୋଦିତ୍ ହେଇଛେ ।

ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା            ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଇ ବଛରର୍ ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଲାଗି ଅନ୍‌ଲାଇନ୍ ଫର୍ମ ଭର୍‌ବାର୍ ସମିଆ ଆଏଜ୍‌ଠାନୁ ମୁଲ୍ ହେଇକରି  ୧୮ ତାରିଖ୍ ତକ୍ ଚାଲ୍‌ବା । ଅନ୍‌ଲାଇନ୍ ଫର୍ମ ପୂରଣ୍‌ର ସବୁ ନିର୍ଦ୍ଦେଶାବଳୀ ସହେତେ ଫିସ୍ ଭର୍‌ବାର୍ ସୂଚ୍‌ନା ବୋର୍ଡ଼ର ୱେବ୍‌ସାଇଟ୍

www.bseodisha.ac.in ଥି ଛାତ୍ରଛାତ୍ରୀମାନେ ପାଇପାର୍‌ବେ । ସପ୍ଲିମେଂଟାରୀ ପରୀକ୍ଷା ଜୁଲାଇ ମାସର୍ ପହେଲା ହପ୍ତାଥି ହେବା ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ମିଲିଛେ ।

ବିଶ୍ୱ ରେଡ଼କ୍ରସ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ମାନବିକତାକେ ବଂଚେଇ ରଖିବାର୍ ବାର୍ତା ନେଇକରି ଆଏଜ୍ ବିଶ୍ୱ ରେଡ଼କ୍ରସ୍ ଦିବସ୍ ପାଲନ୍ କରାଯାଉଛେ । ସମାଜ୍ ଲାଗି ରେଡ଼କ୍ରସ୍‌ର ଅବଦାନ୍‌କେ ସୋର୍ ପକାବାର୍ ଲାଗି ଇତାର୍ ପ୍ରତିଷ୍ଠାତା ଜନ୍ ହେନେରୀ ଡୁରାଂଟ୍‌ଙ୍କର୍ ଜନମ୍‌ଦିନ୍‌ଥି ଇ ଦିବସ୍ ପାଲନ୍ କରାଯାଉଛେ । ପହେଲା ବିଶ୍ୱଯୁଦ୍ଧ ଉତ୍‌ରୁ ସାରା ପୁର୍‌ଥିକେ ଗୁଟେ ଧାରାଥି ବାନ୍ଧିକରି ରଖିବାର୍ ସହେତେ ଶାନ୍ତି ଥାପ୍‌ନା ଉଦ୍ଧେଶ୍‌ଥି ରେଡ଼କ୍ରସ୍ ଟ୍ରୁସ୍ ଅଭିଯାନ୍ ମୁଲ୍ କରାଯାଇଥିଲା । ୧୯୨୦ ମସିହାଥି ଦିଲ୍ଲୀ ନ ପହେଲାଥର୍ ଲାଗି ଇଣ୍ଡିଆନ୍ ରେଡ଼କ୍ରସ୍ ସୋସାଇଟି ଗଠନ୍ କରାଯାଇଥିଲା ।

ବିଶ୍ୱ ଥାଲାସେମିଆ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଥାଲାସେମିଆ ଦିବସ୍ । ଥାଲାସେମିଆ ଗୁଟେ ରକ୍ତବିକାର ରୋଗ । ମୁନୁଷ୍ ଶରୀର୍‌ଥି ହିମୋଗ୍ଲୋବିନ୍‌ର ପରିମାଣ୍ ଠିକ୍ ନାଇଁ ରହେଲେ ଇ ରୋଗ୍ ହେଇଥିସି । ଝନେ ସୁସ୍ଥ ଲୋକ୍‌ର୍ ଶରୀର୍‌ଥି ଲାଲ୍ ରକ୍ତକଣିକା ଶହେ ୨୦ ଦିନ୍‌ତକ୍ ରହେସି । ହେଲେ ଥାଲାସେମିଆଥି ଆକ୍ରାନ୍ତ ହେଲେ ଲାଲ୍ ରକ୍ତକଣିକା ୨୦ ଦିନ୍ ଭିତ୍‌ରେ ନଷ୍ଟ ହେଇଯାଏସି । ୧୯୯୪ ମସିହାନୁ ଥାଲାସେମିଆ ରୋଗ୍‌ର କାରଣ୍ ଆର୍ ଚିକିତ୍ସା ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ଦେଶେ ଇ ଦିବସ୍ ପାଳନ୍ କରାଯାଉଛେ ।

ଭିନ୍ନକ୍ଷମ୍ ଅଧିକାର୍ ଆଇନ୍‌ସଚେତନତା   ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସଂସ୍କୃତି ଭବନ୍ ନ ଜିଲ୍ଲା ସାମାଜିକ୍ ସୁରକ୍ଷା ବିଭାଗ୍ ତର୍‌ଫୁ ଭିନ୍ନକ୍ଷମ୍ ଅଧିକାର୍ ଆଇନ୍ ୨୦୧୬ ବାବ୍‌ଦେ ଗୁଟେ ସଚେତନତା ଶିବିର୍ ହେଇଯାଇଛେ । ଜିଲ୍ଲାପାଳ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିର୍‌ଥି ଆଇନ୍ ଅନ୍‌ସାରେ ୨୧ ପ୍ରକାର୍ ଭିନ୍ନକ୍ଷମତା ଭିତ୍‌ରୁ ୧୪ ପ୍ରକାର୍‌ଥି ରୋଜ୍‌ଗାର୍ ନ ୪ ପ୍ରତିଶତ୍ ଆରକ୍ଷଣ୍

ପାଏବେ ବଲି ସୂଚ୍ନା ମିଲିଛେ । ପରୀକ୍ଷା ସମିଆଥି ଫି’ ଘଂଟାଥି ୨୦ ମିନିଟ୍ ଅଏତ୍କା ସମିଆ ଆଉ ଚାକିରୀ ଆବେଦନ୍ଥି ୧୦ ବଛର୍ତକ୍ ବୟସ୍ କୋହଲ କରାଯିବା । ୫ ଝନ୍ ଭିନ୍ନକ୍ଷମଙ୍କୁ ନେଇକରି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ୍ କରାଯାଇପାର୍ବା । ଆଇନ୍ ନାଇଁ ମାନ୍ଲେ ୬ ମାସ୍ ଜେଲ୍ ଆଉ ୧୦ ହଜାର୍ ଟଙ୍କା ଜରିମାନା ବ୍ୟବସ୍ଥା ରହିଛେ ବଲି ଶିବିର୍ ନୁ ଜନାପଡ଼ିଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ କାଲ୍ବୈଶାଖୀର୍ ବଲେ ବର୍ଷା ହେବାର୍ନୁ ତାପମାତ୍ରା କମିଛେ । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି ଘଡ୍ଘଡ଼ି ସହେତେ ବର୍ଷା ହେବା ବଲି ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାକେ ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ୬ ଦିନ୍ ତକ୍ ରାଜ୍ୟର୍ ସମୁଦ୍ରଖଁଡ଼ି ଆଉ ଦକ୍ଷିଣ୍ ଭାଗେ କାଲ୍ବୈଶାଖୀ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇ ମାସର୍ ୨ ନମ୍ବର୍ ହପ୍ତା ଆଡ୍କେ ବଙ୍ଗୋପ୍ସାଗର୍ ନ ଗୁଟେ

ଲଘୁଚାପ୍ କ୍ଷେତ୍ର ହେଇପାରେ ବଲି ଭିନ୍ ଭିନ୍ ଅନ୍ତର୍ଜାତୀୟ ପାଣିପାଗ୍ ସଂସ୍ଥା ଅନୁମାନ୍ କରିଛନ୍ ।